ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨ ନଭେମ୍ବର,୨୦୨୦



## ଚୋରା ପଥର, ବାଲି ଚାଲାଣ: ୨ ଟ୍ରାକ୍ଟର ଜବତ

**କଣାସ,(ସ୍ୱ.ପ୍ର.):** କଣାସ ବ୍ଲକ ଅଞ୍ଚଳରେ ଚୋରା ପଥର ଓ ବାଲି ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଶନିବାର ଆଇଆଇସି ତପନ ରାଉତ ଦୁଇଟି ବାଲି ଓ ପଥର ବୋଝେଇ ଟ୍ରାକ୍ଟର ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୮୧/୨୦)ରୁଜୁ ହୋଇଛି। ସୂଚନାଥାଉ କି, ଗତ ୧୫ଦିନ ମଧ୍ୟରେ ଚୋରା ବାଲି ଓ ପଥର ଚାଲାଣ ଅଭିଯୋଗରେ ୧୬ଜଣଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

### ସଂକ୍ଷେପରେ

## ଧନଞ୍ଜୟ ଦାସଙ୍କୁ 'କୁମାରଶ୍ରୀ ସମ୍ମାନ'

**ଭୁବନେଶ୍ୱର,୧।୧୧(ବ୍ୟୁରୋ):** କୁମାର ପୂର୍ଣ୍ଣିମା ଅବସରରେ 'ୟୁଥ୍' ଓ 'କଳିଙ୍ଗ ସଂସ୍କୃତି ଐତିହ୍ୟ ସୁରକ୍ଷା ମଞ୍ଚ' ତରଫରୁ ନେତାଜୀ ଭବନଠାରେ 'କୁମାର ଉତ୍ସବ-୨୦୨୦' ପାଳିତ ହୋଇଯାଇଛି। ଓଡିଶା ଗ୍ରାମୋଦ୍ୟୋଗ ବୋର୍ଡର ସଭାପତି ତଥା ୟୁଥ୍‌ର ଉପଦେଷ୍ଟା ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋଭିଡ୍ ଯୋଦ୍ଧା ତଥା କ୍ୟାପିଟାଲ ହସ୍ପିଟାଲର ସହକାରୀ ଅଧୀକ୍ଷକ ଡ. ଧନଞ୍ଜୟ ଦାସଙ୍କୁ 'କୁମାରଶ୍ରୀ ସମ୍ମାନ' ଏବଂ ଓଡିଆ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ରଙ୍କୁ 'ୟୁଥ୍ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ଅତିଥିଭାବେ ସାମାଜିକ କର୍ମୀ ଡ. ଅରୁନ୍ଧତୀ ଦେବୀ, ପିପୁଲସ୍ ଫୋରମର ସଭ୍ୟ ସମ୍ପାଦକ ଗୋବିନ୍ଦ ପଟ୍ଟନାୟକ, ୟୁଥ୍‌ର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଆଦିତ୍ୟ ମହାନ୍ତିଙ୍କ ଦ୍ୱାରା ପ୍ରକୃତି ପରିବେଷିତ ନୃତ୍ୟ 'ବର୍ଷା ଅଭିସାର' ପରିବେଷଣ କରାଯାଇଥିଲା।

## ପୂର୍ବତଟ ରେଳପଥ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

**ଭୁବନେଶ୍ୱର,୧।୧୧(ବ୍ୟୁରୋ):** ପୂର୍ବତଟ ରେଳପଥର ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ପକ୍ଷରୁ ରେଲ୍‌ୱେ ଷ୍ଟାଡିୟମ ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ଆୟୋଜିତ ମାର୍ଚ୍ଚପାଷ୍ଟରେ ଆର୍‌ପିଏଫ୍ କଣ୍ଟିଜେଣ୍ଟଙ୍କ ସହ ଅଭିବାଦନ ଗ୍ରହଣ କରିଥିଲେ। ସମସ୍ତ ସୁରକ୍ଷା କର୍ମଚାରୀ ଓ ଅଧିକାରୀଙ୍କୁ ଜାତିର ଏକତା, ଅଖଣ୍ଡତା ରକ୍ଷା ଏବଂ ସୁରକ୍ଷା ପାଇଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ମାର୍ଗଦର୍ଶନରେ ନିଜକୁ ଉତ୍ସର୍ଗ କରିବାକୁ ଶପଥ ଗ୍ରହଣ କରାଇଥିଲେ। ଆର୍‌ପିଏଫ୍ ଆଇଜି ରାଜା ରାମ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ରାଷ୍ଟ୍ରୀୟ ଏକତା ଦିବସ ପାଳନ ସମ୍ପର୍କରେ କହିଥିଲେ। ରେଳପଥର ବିଭାଗୀୟ ପ୍ରମୁଖ ଅଧିକାରୀଙ୍କ ସହ ଆରପିଏଫ୍ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଟ୍ରେନ୍‌ରୁ ଅଚେତ ଅବସ୍ଥାରେ ଯୁବକ ଉଦ୍ଧାର

**ପୁରୀ ଅଫିସ,୧।୧୧:** ଏକ ଟ୍ରେନ୍ ବଗିରୁ ରବିବାର ଜଣେ ଯୁବକଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ତାଙ୍କ ପରିଚୟ ଜଣାପଡ଼ି ନାହିଁ। ସୂଚନା ଅନୁଯାୟୀ, ପୁରୀ ଷ୍ଟେଶନର ୪ନମ୍ବର ପ୍ଲାଟଫର୍ମରେ ଜୟନଗର- ପୁରୀ ଏକ୍ସପ୍ରେସ୍ ଟ୍ରେନ୍ ଲାଗିଥିଲା। ଆର୍‌ପିଏଫ୍ କର୍ମଚାରୀମାନେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ବେଳେ ଏକ ଫାଙ୍କା ବଗିରେ ଜଣେ ୨୮ ବର୍ଷୀୟ ଯୁବକ ଅଚେତ ଅବସ୍ଥାରେ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

# ବିଷାକ୍ତ ହେଉଛି ଦୟା

ସସ୍ମିତା ପାଇକରାୟ
ଭୁବନେଶ୍ୱର,୧।୧୧(ବ୍ୟୁରୋ)



ବାୟୁ ପ୍ରଦୂଷଣ ପରେ ଏବେ ଚିନ୍ତା ବଢାଇଛି ଜଳ ପ୍ରଦୂଷଣ। ନଦୀ ଜଳ ପ୍ରଦୂଷଣ ଏବେ ଆଉଏକ ବଡ଼ ସମସ୍ୟାଭାବେ ଉଭା ହୋଇଛି। ବିନା ଟ୍ରିଟ୍‌ମେଣ୍ଟରେ ସ୍ୱେରେଜ ଓ ଡ୍ରେନ୍ ପାଣି ନଦୀରେ ମିଶିବା ଯୋଗୁ ଏହାର ଜଳ ବିଷାକ୍ତ ହୋଇପଡୁଛି। ଏଥିଯୋଗୁ ରାଜଧାନୀ ଉପକଣ୍ଠରେ ପ୍ରବାହିତ ଐତିହାସିକ ଦୟାନଦୀର ଅବସ୍ଥା ଦିନକୁ ଦିନ ସାଂଘାତିକ ହେବାରେ ଲାଗିଛି। ଏହା ଚାଷ କିମ୍ବା ପିଇବା ପାଣି ପାଇଁ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ଭୁବନେଶ୍ୱରର ୧୧ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଦ୍ୱାରା ବ୍ୟବହୃତ ଦୂଷିତ ଜଳ ସିଧାସଳଖ ଏହି ନଦୀକୁ ଛଡ଼ାଯାଉଛି। ଦେଶର ନଂ.୧ ସ୍ମାର୍ଟସିଟି ହୋଇଥିଲେ ମଧ୍ୟ ଏଠାରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ବା ବର୍ଜ୍ୟ ଜଳ ବିଶୋଧନ ପ୍ରକଳ୍ପ ନ ଥିବାରୁ କେବଳ ଦୟା ନୁହେଁ, ଗଙ୍ଗୁଆ ଓ କୁଆଖାଇ ନଦୀରେ ମଧ୍ୟ ପ୍ରଦୂଷଣ ମାତ୍ରା ଗତ ୧୦ବର୍ଷ ମଧ୍ୟରେ ଢେର୍ ବଢ଼ିଯାଇଛି। ଫଳରେ ଏସବୁ ନଦୀର ଜଳ ଚିଲିକାରେ ମିଶୁଥିବାରୁ ଏହି ବୃହତ୍ ହ୍ରଦର ଜୈବ୍ୟ ବିବିଧତା ନଷ୍ଟ ହେବାରେ ଲାଗିଛି।

ଖୋର୍ଦ୍ଧା ଓ ପୁରୀ ଜିଲାର ପ୍ରାୟ ୭୦ କି.ମି. ପର୍ଯ୍ୟନ୍ତ ପ୍ରବାହିତ ହୋଇଛି ଦୟା ନଦୀ। ଏଥିସହ ଏହାର ଶାଖା ନଦୀ ଲୁଣା, ମଲାଗୁଣୀ ଏବଂ ମକରା ନଦୀ ଜଳ ଉପରେ ନିର୍ଭର କରି ଭୁବନେଶ୍ୱର, ଜଟଣୀ, କଣାସ, ଟାଙ୍ଗୀ, ବାଲୁଗାଁ, ଡେଲାଙ୍ଗ, ପିପିଲି ଏବଂ ସତ୍ୟବାଦୀ ଅଞ୍ଚଳର ୩ ଲକ୍ଷରୁ ଅଧିକ ଲୋକ ଉପକୃତ ହେଉଛନ୍ତି। ହେଲେ ଦୟା ପ୍ରତି ଗତ କିଛିବର୍ଷ ହେଲା ସୃଷ୍ଟି ହୋଇଛି ବିପଦ। ଭୁବନେଶ୍ୱର ଓ ପୁରୀ ସହରରୁ ପ୍ରତିଦିନ ବାହାରୁ ଥିବା ଟନ୍ ଟନ୍ ସ୍ୱେରେଜ ଓ ନର୍ଦ୍ଦମା ଆବର୍ଜନା ଦୟାନଦୀ ଜଳକୁ ଦୂଷିତ କରୁଛି। ଏହାର କୁପ୍ରଭାବ ସିଧାସଳଖ ଜଳଚର ଜୀବ ଓ ସାଧାରଣ ଲୋକଙ୍କ ଉପରେ ପଡୁଛି। ନଦୀର ପାର୍ଶ୍ୱବର୍ତ୍ତୀ ଗ୍ରାମରେ ରହୁଥିବା ଲୋକେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହା ବ୍ୟବହାର ଉପଯୋଗୀ ନୁହେଁ ବୋଲି ଖୋଦ୍ ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ନଦୀଜଳ ପ୍ରଦୂଷଣ ରୋକିବା ପାଇଁ ରାଜଧାନୀର ୬ଟି ସ୍ଥାନରେ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଏସ୍‌ଟିପି) ଏଯାଏ କାର୍ଯ୍ୟକ୍ଷମ ହୋଇପାରିନି। ୮୦୦ କୋଟି ଟଙ୍କାର ଏହି ପ୍ରକଳ୍ପ ଦୀର୍ଘବର୍ଷ ଧରି କୋମାରେ ପଡ଼ିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ତ୍ୱରିତ ପଦକ୍ଷେପ ନ ନେଇ ଚୁପ୍ ବସିଛି।

କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ(କାପୋକ)ର ଏକ ସର୍ଭେରୁ ଜଣାପଡ଼ିଛି, ଦୟା ନଦୀ ଉପରେ ନିର୍ଭର କରି ପ୍ରାୟ ୧୨୦୦ ହେକ୍ଟର ଜମିରେ କୃଷି କାର୍ଯ୍ୟ ହେଉଛି। ୩ ହଜାରରୁ ଅଧିକ ମତ୍ସ୍ୟଜୀବୀ ପରିବାର ରୋଜଗାର ପାଉଛନ୍ତି। ପିଇବା ପାଣି ଲାଗି ୮୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଦୟା ଏବଂ ଏହାର ଶାଖା ନଦୀ ଉପରେ ନିର୍ଭର କରୁଛନ୍ତି। ୧୦ ଲକ୍ଷ ଲୋକଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ହେଲେ ୩ ଦଶନ୍ଧି ହେଲା ଦୟାନଦୀର ଜଳ ବ୍ୟବହାର ଅନୁପଯୋଗୀ ହୋଇଯାଇଛି। ଭୁବନେଶ୍ୱରର ପ୍ରାକୃତିକ ଡ୍ରେନ୍ ସମେତ ନାଳରୁ ଯେଉଁ ଆବର୍ଜନା ବାହାରୁଛି ତାହା ସିଧା ଗଙ୍ଗୁଆ ଦେଇ ଦୟାରେ ମିଶୁଛି। ସହରରେ ଥିବା ୮୮ଟି ଶିଳ୍ପ ସଂସ୍ଥା ଏବଂ ମଞ୍ଚେଶ୍ୱର ଓ ରସୁଲଗଡ଼ ଶିଳ୍ପାଞ୍ଚଳରୁ ବାହାରୁଥିବା ବିଷାକ୍ତ ଜଳ ଦ୍ୱାରା ନଦୀ ପ୍ରଦୂଷିତ ହେଉଛି। ପ୍ରତିଦିନ ପ୍ରାୟ ୩୦୦ ଟନ୍‌ରୁ ଊର୍ଦ୍ଧ୍ୱ ଆବର୍ଜନା ଦୟାନଦୀ ଜଳରେ ମିଶୁଛି। ଦୟା ନଦୀର ପ୍ରଦୂଷିତ ଜଳରେ ଗାଧୋଇବା ସହ ବ୍ୟବହାର କରିବା ଯୋଗୁ ଛୋଟ ପିଲାଙ୍କର ଚର୍ମ ରୋଗ ସହ ଜ୍ୱର, କାଶ ହେଉଛି। ବୟସ୍କମାନେ ପେଟ ରୋଗ ସହ ଶ୍ୱାସ, କିଡ୍‌ନୀ, କ୍ୟାନ୍‌ସର, ତରଳ ଝାଡା ଆଦି ରୋଗରେ ପଡୁଛନ୍ତି। ନଦୀ ଶଯ୍ୟା ପୋତି ହୋଇଯାଉଥିବାରୁ ମାଛ, ବେଙ୍ଗ, ସାପ, କଇଁଛ ଆଦି ଜଳଚର ଜୀବ ଲୋପ ପାଉଛନ୍ତି। ପ୍ରଦୂଷିତ ଜଳ ଚିଲିକାରେ ମିଶିବାରୁ ଚିଲିକା ମଧ୍ୟ ପ୍ରଦୂଷିତ ହେଉଛି। ଚିଲିକାର ଜୈବ ବିବିଧତା ନଷ୍ଟ ହେଉଛି। ବିଏମ୍‌ସିର ଜଣେ ଡେପୁଟି କମିଶନର କୁହନ୍ତି, ୱାଟର୍ କର୍ପୋରେଶନ ଅଫ୍ ଓଡ଼ିଶା(ୱାଟ୍‌କୋ) ୬ଟି ଏସ୍‌ଟିପିର ନିର୍ମାଣ କାର୍ଯ୍ୟ ସହ ସମସ୍ତ ଦେଖାଶୁଣା କରୁଛି। ବିଏମ୍‌ସିର ଇଞ୍ଜିନିୟରିଂ ସେଲ୍ ଏଥିରେ କେବଳ ସହଯୋଗ କରୁଥିବା ସେ କହିଛନ୍ତି। ବାସୁଆଘାଇରେ ଏକ ବଡ଼ ଏସ୍‌ଟିପିର କାମ ଚାଲିଛି। ଏହା କାର୍ଯ୍ୟକ୍ଷମ ହେଲେ ଗଙ୍ଗୁଆ ନଦୀ ଦ୍ୱାରା ଦୟାରେ ମିଶୁଥିବା ବର୍ଜ୍ୟଜଳକୁ ରୋକାଯାଇପାରିବ। ହେଲେ କୋଭିଡ୍ ପାଇଁ ଏହି କାମ ବାଧାପ୍ରାପ୍ତ ହୋଇଥିବା ୱାଟ୍‌କୋର ଜଣେ ବରିଷ୍ଠ ଇଞ୍ଜିନିୟର କହିଛନ୍ତି।

କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟର ୧୯ଟି ନଦୀରେ ସହରାଞ୍ଚଳର ନାଳନର୍ଦ୍ଦମା ପାଣି ମିଶିବା ଯୋଗୁ ଏଗୁଡ଼ିକ ପ୍ରଦୂଷିତ ହେଉଛି। ଗଙ୍ଗୁଆ ଓ ଦୟା ନଦୀ, ବ୍ରାହ୍ମଣୀ ନଦୀ, ଗୁରାଡିହ ନଳା, ମଙ୍ଗଳା ନଦୀ, ନାଗାବଳୀ, କାଠଯୋଡ଼ି, ସେରୁଆ, ରତ୍ନଚିରା, ନନ୍ଦିରା ଯୋର, କୁଆଖାଇ, ମହାନଦୀ, ଋଷିକୁଲ୍ୟା, ବାଙ୍ଗୁରୁ ନଳା, ଭେଡ଼େନ, କୁସୁମୀ, ଲୁଣା, ସାବୁଲିଆ ଏବଂ ବୁଢ଼ାବଳଙ୍ଗ ନଦୀ ପ୍ରଦୂଷିତ ହୋଇଛି।

### ଗଙ୍ଗୁଆ, କୁଆଖାଇ ସ୍ଥିତି ମଧ୍ୟ ସାଂଘାତିକ

- କାର୍ଯ୍ୟକ୍ଷମ ହୋଇପାରିଲାନି ପ୍ରସ୍ତାବିତ ୬ ଏସ୍‌ଟିପି
- ସ୍ମାର୍ଟସିଟିର ୧୧ଲକ୍ଷ ଲୋକଙ୍କ ବର୍ଜ୍ୟ ନଦୀ ଜଳରେ ମିଶୁଛି
- ନଷ୍ଟ ହେଉଛି ଚିଲିକାର ଜୈବ୍ୟ ବିବିଧତା



ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶାଗସ୍ତ ସମୟର ସ୍ମୃତିକୁ ବହନ କରି କଟକ କାଠଗଡ଼ା ସାହି ଅଞ୍ଚଳରେ ନିର୍ମାଣ ଚାଲିଥିବା ଭିତ୍ତିଚିତ୍ର।

## ଗଛରେ ମିନିଟ୍ରକ୍ ପିଟିହୋଇ ଶ୍ରମିକଙ୍କ ମୃତ୍ୟୁ

ବାରଙ୍ଗ,୧।୧୧(ଡି.ଏନ୍.ଏ.)

ଚନ୍ଦକା ଥାନା ଅଧୀନ ଅନ୍ଧାରୁଆ ଗ୍ରାମ ନିକଟରେ ଏକ ମିନିଟ୍ରକ୍ ଭାରସାମ୍ୟ ହରାଇ ଗଛରେ ପିଟିହେବାରୁ ରବିବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅଧୀନ ପଥରବେଣୀ ଗ୍ରାମର କୈଳାସ ପ୍ରଧାନ(୪୬)। ସୂଚନା ଅନୁଯାୟୀ, ଶନିବାର ରାତିରେ ଏହି ମିନିଟ୍ରକ୍ ଭୁବନେଶ୍ୱରରୁ ଚନ୍ଦକା ଅଭିମୁଖେ ଫେରୁଥିବା ବେଳେ ଅନ୍ଧାରୁଆ ଗ୍ରାମ ନିକଟ ଏକ ଗଛରେ ପିଟି ହୋଇଯାଇଥିଲା। ଏଥିରେ ବସିଥିବା ଦୁଇଜଣ ଶ୍ରମିକ ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ଶ୍ରମିକଦ୍ୱୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ କୈଳାସଙ୍କ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୯୬/୨୦)ରୁଜୁକରି ତଦନ୍ତ ଚଳାଇଛି।

## ବାତିଲ, ଆଂଶିକ ବାତିଲ ହେବ ୨ ଟ୍ରେନ୍

ଭୁବନେଶ୍ୱର,୧।୧୧(ବ୍ୟୁରୋ)



ପୂର୍ବତଟ ରେଳପଥ ଅଧୀନରେ ଥିବା ସମ୍ବଲପୁର ଡିଭିଜନର ଟିଟିଲାଗଡ଼-ରାୟପୁର ରେଳ ସେକ୍ସନର ତୁରେକେଲା ରୋଡ୍- ହରିଶଙ୍କର ରୋଡ୍ ଏବଂ ଲଖନା ଷ୍ଟେଶନ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଦୁଇଟି ଟ୍ରେନ୍ ପ୍ରଭାବିତ ହେବ। ବିଶାଖାପାଟଣା-ନିଜାମୁଦ୍ଦିନ-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ ଭାୟା ରାୟଗଡା-ଟିଟିଲାଗଡ-ରାୟପୁର ରୁଟ୍‌ରେ ନଭେମ୍ବର ୩ରୁ ୮ ତାରିଖ ପର୍ଯ୍ୟନ୍ତ ଓ ନିଜାମୁଦ୍ଦିନଠାରୁ ନଭେମ୍ବର ୨ରୁ ୭ ମଧ୍ୟରେ ଉଭୟ ଦିଗରୁ ବାତିଲ ରହିବ। ସେହିଭଳି ପୁରୀ-ଦୁର୍ଗ-ପୁରୀ ସ୍ୱତନ୍ତ୍ର ଟ୍ରେନ ପୁରୀଠାରୁ ନଭେମ୍ବର ୨ ରୁ ୮ ମଧ୍ୟରେ ଏବଂ ଦୁର୍ଗଠାରୁ ୩ ରୁ ୯ ତାରିଖ ମଧ୍ୟରେ ଉଭୟ ଦିଗରୁ ପୁରୀ ଏବଂ ଟିଟିଲାଗଡ ମଧ୍ୟରେ ଚଳାଚଳ କରିବ ଏବଂ ଟିଟିଲାଗଡ ଓ ଦୁର୍ଗ ମଧ୍ୟରେ ବାତିଲ୍ ରହିବ।

## ଶ୍ରୀଲିଙ୍ଗରାଜଙ୍କ ରାଇଦାମୋଦର ବେଶ

ପୁରୁଣା ଭୁବନେଶ୍ୱର, ୧।୧୧(ଡି.ଏନ୍.ଏ.)

ଆରମ୍ଭ ହୋଇଛି ପବିତ୍ର କାର୍ତ୍ତିକ ମାସ। ଏହି ଅବସରରେ ରବିବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରାଇଦାମୋଦର ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ଦୈନନ୍ଦିନ ନୀତି ମଙ୍ଗଳ ଆଳତି, ଅବକାଶ ପରେ ରୋଷହୋମ କରାଯାଇ ଛାମୁ ପରିଷ୍କାର କରାଯାଇଥିଲା। ପରେ ପୂଜା ପଣ୍ଡା ସେବକ ଶ୍ରୀଜୀଉଙ୍କୁ ମାଘସ୍ନାନ ଦେଇ ସାରିବା ପରେ ରୁପାରେ ନିର୍ମିତ ଦାମୋଦର ମୁଖାକୁ ମାଘସ୍ନାନ କରିଥିଲେ। ପାଳିଆ ବଡୁସେବକ ଏହି ଦାମୋଦର ମୁଖାକୁ ସକାଳଧୂପ ଏବଂ ସନ୍ଧ୍ୟାଧୂପ ବେଶରେ ଲାଗି କରିଥିଲେ। ସୂଚନାଥାଉ କି, ଏହି ଦାମୋଦର ବେଶକୁ ଯେଉଁ ଶ୍ରଦ୍ଧାଳୁ ଦର୍ଶନ କରିଥାନ୍ତି ସେମାନେ ବୈକୁଣ୍ଠପ୍ରାପ୍ତି ହୋଇଥାନ୍ତି ବୋଲି ଲୋକକଥା ରହିଛି। କୋଭିଡ୍ କଟକଣା ଯୋଗୁ ଶ୍ରଦ୍ଧାଳୁମାନେ ମନ୍ଦିର ମୁଖଶାଳା, ଚାହାଣି ମଣ୍ଡପ, ରଥ ଖଳା, ଉତ୍ତର ଦ୍ୱାର ସ୍ଥାନରେ ଠାକୁରଙ୍କୁ ଦର୍ଶନ କରି ଫେରିଯାଇଥିବା ଦେଖିବାକୁ ମିଳିଛି।

CENTRAL INSTRUMENTATION FACILITY
ODISHA UNIVERSITY OF AGRICULTURE AND TECHNOLOGY,
BHUBANESWAR-751003
Email : cifouat@gmail.com, clabouat@gmail.com
Telephone : 0674-2562360 Website : www.ouat.nic.in
No: 74/CIF/OUAT/2020 Dated : 29.10.2020
Walk in interview is to be held on 11th November 2020 at 10 a.m. for contractual engagement of two posts of young professionals at the Central Instrumentation Facility of OUAT, Bhubneswar. The details regarding essential/ desirable qualifications, age, amount of emoluments, date, time and venue, etc. and other terms and conditions are available in the OUAT website - www.ouat.nic.in .
Sd/-
OFFICER IN CHARGE

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଚୌଦ୍ୱାର,୧।୧୧(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକା ଅଧୀନ ୧୯ ନଂ. ୱାର୍ଡ଼ କେଦାରେଶ୍ୱର ତାରିଣୀ ମନ୍ଦିର ପଛପଟ ଏକ ଘରୁ ରବିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଭାଜପା ଚୌଦ୍ୱାର ମଣ୍ଡଳ ମହିଳା ମୋର୍ଚ୍ଚାର ପୂର୍ବତନ ସଭାପତି ଶାନ୍ତି ମୁଖାର୍ଜୀ (୩୪)। ମିଳିଥିବା ସୂଚନା ଅନୁଯାୟୀ, ଶାନ୍ତିଙ୍କ ସ୍ୱାମୀ ଝାରସୁଗୁଡ଼ାରେ ରହୁଥିବାବେଳେ ସେ ତାଙ୍କର ଏକମାତ୍ର ୧୦ ବର୍ଷର ପୁଅକୁ ନେଇ ଚୌଦ୍ୱାରରେ ରହୁଥିଲେ। ରବିବାର ପୂର୍ବାହ୍ନରେ ପୁଅ ଖେଳିବାକୁ ଯାଇ ଘରକୁ ଫେରିବା ପରେ ମାଆଙ୍କ ମୃତଦେହ ଶାଢି ସାହାଯ୍ୟରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ଚୌଦ୍ୱାର ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ପରେ ଶାନ୍ତିଙ୍କ ମୋବାଇଲ ଫୋନ୍ ଓ ଘରେ ଥିବା କିଛି କାଗଜପତ୍ର ଜବତ କରିବା ସହ ଉକ୍ତ ଘରକୁ ସିଲ୍ କରିଥିଲା। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୨୮/୨୦) ରୁଜୁ ହୋଇଛି। ଶାନ୍ତିଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଶାନ୍ତିଙ୍କ ମୃତ୍ୟୁ ଖବର ପାଇବା ପରେ ଭାଜପା ରାଜ୍ୟ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ସ୍ୱାଇଁଙ୍କ ସମେତ ବହୁ କର୍ମକର୍ତ୍ତା ଶୋକ ବ୍ୟକ୍ତ କରିଛନ୍ତି।

## ନନ୍ଦନକାନନରେ ଗୁରାଣ୍ଡି, ହରିଣ ଶାବକ ଜନ୍ମ

**ବାରଙ୍ଗ,୧।୧୧(ଡି.ଏନ୍.ଏ.):** ପ୍ରାଣୀଉଦ୍ୟାନ ନନ୍ଦନକାନନର ୩୭ନଂ. ଏନକ୍ଲୋଜରରେ ରହୁଥିବା ଗୁରାଣ୍ଡି ରବିବାର ସକାଳେ ଗୋଟିଏ ଶାବକ ଜନ୍ମ ଦେଇଛି। ଉଭୟ ମା' ଓ ଛୁଆ ସୁସ୍ଥ ରହିଛନ୍ତି। ଏବେ ଏମାନଙ୍କ ସଂଖ୍ୟା ବୃଦ୍ଧିପାଇ ୧୭ରେ ପହଞ୍ଚିଛି। ତନ୍ମଧ୍ୟରୁ ୫ ଅଣ୍ଡିରା, ୫ ମାଇ ଓ ୭ଟିର ଲିଙ୍ଗ ନିରୂପଣ ହୋଇପାରିନାହିଁ। ସେହପରି ୩୬ବି ଏନକ୍ଲୋଜରରେ ରହୁଥିବା ମଣିପୁରୀ ହରିଣ ଏକ ଶାବକ ଜନ୍ମ ଦେଇଛି। ମା' ଓ ଛୁଆ ଉଭୟ ସୁସ୍ଥ ଥିବାବେଳେ ଏମାନଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି। ତନ୍ମଧ୍ୟରୁ ୬ ଅଣ୍ଡିରା, ୫ ମାଇ, ୪ଟିର ଲିଙ୍ଗ ନିରୂପଣ ହୋଇପାରି ନ ଥିବା ନନ୍ଦନକାନନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ୩ ଜୁଆ ଆଡ୍ଡାରେ ଚଢ଼ାଉ: ୧୯ ଗିରଫ

ପୁରୀ ଅଫିସ/ ବ୍ରହ୍ମଗିରି, (ଡି.ଏନ୍.ଏ.) ୧।୧୧

ପୁରୀ ସହରର ଦୁଇଟି ଜୁଆ ଆଡ୍ଡା ଉପରେ ପୋଲିସ ଚଢାଉ କରି ମୋଟ ୧୪ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଶନିବାର ରାତିରେ ବଳିଆପଣ୍ଡା ଥାନା ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଏକ ଖୋଲା ଜାଗାରେ ଜୁଆ ଖେଳ ଚାଲିଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ଗୋଟିଏ ପାଲି ଏବଂ ୧,୩୬୦ ଟଙ୍କା ଜବତ କରିବା ସହ ଭଗବାନ ମହାନ୍ତି, ପି. ଦାସ ବେହେରା, ସୁରେନ୍ଦ୍ର ଦଳେଇ, ସୁକାନ୍ତ ବେହେରା ଏବଂ ରାଜା ରାୟଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୩୮/୨୦) ରୁଜୁ ହୋଇଛି। ସେହିପରି ପୁରୀ ସଦର ଥାନା ଅଧୀନ ଏକତାଳିଆ ପାଟଣା କ୍ଲବରେ ଜୁଆଖେଳ ଚାଲିଥିବାବେଳେ ପୋଲିସ ଚଢାଉ କରି ୯ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଞ୍ଜୟ ଭୋଳ, ପ୍ରଶାନ୍ତ ବେହେରା, ଚନ୍ଦ ବେହେରା, ସୂର୍ଯ୍ୟ ବାରିକ, ବାବୁ ବାରିକ, ବନମାଳି ଦଳେଇ, ରବିନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ପ୍ରତାପ ବାରିକ। ଏମାନଙ୍କଠାରୁ ତାସ୍ ସମେତ ୨୩, ୯୮୦ ଟଙ୍କା ଜବତ ହୋଇଛି।

ବ୍ରହ୍ମଗିରି ଥାନା ଅଧୀନ ବ୍ରହ୍ମଗିରି ଗ୍ରାମ ନିକଟ ଏକ ଜୁଆଆଡ୍ଡାରେ ଶନିବାର ରାତିରେ ପୋଲିସ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଡ଼ରୋଡ଼ଙ୍ଗର ବିନାୟକ ମହାପାତ୍ର, ରେବଣାର ମନୋଜ ଦଳାଇ ଓ ସନ୍ତୋଷ ବରାଳ, ବ୍ରହ୍ମଗିରିର ସନାତନ ପ୍ରଧାନ ଏବଂ ରବୀନ୍ଦ୍ର ନାୟକ। ଏମାନଙ୍କ ନିକଟରୁ ୫ଟି ବାଇକ୍, ୭୩୮୦ଟଙ୍କା ଓ ତାସ ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୯୧/୨୦)ରୁଜୁ ହୋଇଛି।

# କଫ୍ ସିରପରେ ନିଶା ବଟିକା ମିଶାଇ ବିକୁଥିଲେ







ଜବତ କଫ୍ ସିରପ, ବଟିକା, ଗିରଫ ଅଭିଯୁକ୍ତ।

କଟକ ଅଫିସ,୧।୧୧

- ୨ ଅଭିଯୁକ୍ତ କୋର୍ଟଚାଲାଣ
- ୩୨୧୮ ବୋତଲ କଫ୍ ସିରପ, ନାଇଟ୍-୧୦ ବଟିକା ଜବତ

କଫ୍ ସିରପରେ ବେଆଇନ ଭାବେ ନାଇଟ୍-୧୦ ବଟିକା ମିଶାଇ ବିକ୍ରି କରିବା ଅଭିଯୋଗରେ ମର୍କତନଗର ପୋଲିସ ରବିବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ଜିଲା ଚୌଦ୍ୱାର ଥାନା ଅଧୀନ ଓଟିଏମ୍ ଦୁର୍ଗା ବଜାର ଅଞ୍ଚଳର କୁଳମଣି ମିଶ୍ର(୪୦) ତଳ ବଜାରର ଦିଲୀପ କୁମାର ସାହୁ (୪୨)। ସେମାନଙ୍କଠାରୁ ୩୨୧୮ ବୋତଲ କଫ୍ ସିରପ, ୫ ଷ୍ଟ୍ରିପ ନାଇଟ୍-୧୦ ବଟିକା ଓ ଗୋଟିଏ ବାଇକ ଜବତ କରାଯାଇଛି। ଜବତ କଫ୍ ସିରପର ମୂଲ୍ୟ ପ୍ରାୟ ସାଢେ ୪ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୯୯/୨୦) ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ଭୋର ସମୟରେ କୁଳମଣି ବହୁ ପରିମାଣର କଫ୍ ସିରପ ନେଇ ଏକ ବାଇକ୍‌ରେ ନରାଜ ଆଡୁ ମର୍କତନଗର ଆସୁଥିଲେ। ଖବରପାଇ ମର୍କତ ନଗର ଥାନା ଅଧିକାରୀ ପ୍ରଦୀପ୍ତ କିଶୋର ନାୟକ ଜୁଡିସିଆଲ ଏକାଡେମୀ ଛକରେ କୁଳମଣିଙ୍କୁ ଅଟକାଇ ଯାଞ୍ଚ କରିବାରୁ ତାଙ୍କ ନିକଟରୁ ବିଭିନ୍ନ କମ୍ପାନୀର କଫ୍ ସିରପ ମିଳିଥିଲା। ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କଠାରୁ ଉକ୍ତ କଫ୍ ସିରପ ଜବତ କରାଯାଇଥିଲା। ପରେ କୁଳମଣିଙ୍କ ସୂଚନା ଆଧାରରେ ପୋଲିସ ଚୌଦ୍ୱାର ତଳ ବଜାରର ଦିଲୀପଙ୍କ ଘରେ ଚଢଉ କରିଥିଲା। ଦିଲୀପଙ୍କ ଘର ପଛପଟେ ଥିବା ଏକ ପାଇଖାନା ଭିତରୁ ବହୁ ପରିମାଣର କଫ୍ ସିରପ ଜବତ କରାଯାଇଥିଲା।

ଦିଲୀପଙ୍କର ସ୍ଥାନୀୟ ଅଞ୍ଚଳରେ ଏକ ଔଷଧ ଦୋକାନ ରହିଛି। ଏହା ମାଧ୍ୟମରେ ସେ କଫ୍ ସିରପ ମଗାଉଥିଲେ। ପରେ ଉଭୟ ମିଶି କଫ୍ ସିରପରେ ବେଆଇନ ଭାବେ ନାଇଟ୍-୧୦ ବଟିକା ମିଶାଉଥିଲେ। କାରଣ ଏହି କଫ୍ ସିରପରେ ନାଇଟ୍-୧୦ ବଟିକା ମିଶିବା ଫଳରେ ଏହା ଅଧିକ ନିଶା ହେଉଥିଲା। ଲକ୍‌ଡାଉନ୍ ସମୟରେ ମଦ ମିଳୁ ନ ଥିବାରୁ ନିଶାସକ୍ତ ବ୍ୟକ୍ତିମାନଙ୍କୁ ସେମାନେ ଏହି କଫ ସିରପ ବିକୁଥିଲେ। ଏଭଳି ବେଆଇନ କାର୍ଯ୍ୟ କରିବା ସମ୍ପର୍କରେ ଅଭିଯୁକ୍ତ ଦ୍ୱୟ ପୋଲିସ ନିକଟରେ ସ୍ୱୀକାର କରିଥିଲେ।

## କଫ୍ ସିରପ ଚୋରା ଚାଲାଣ: ୩ ଗିରଫ

ପୁରୀ ଅଫିସ,୧।୧୧

### ୬୪୦ ବୋତଲ କଫ୍ ସିରପ, କାର ଓ ଟଙ୍କା ଜବତ

ବେଆଇନ ଭାବେ କଫ୍ ସିରପ ଚାଲାଣ ଅଭିଯୋଗରେ ୩ଜଣଙ୍କୁ ରବିବାର ପୋଲିସ ଗିରଫ କରିଛି। ସେମାନେ ହେଲେ ନିରଞ୍ଜନ ବସ୍ତି, ସୁବ୍ରତ କୁମାର ଦାସ ଏବଂ ମନୋଜ କୁମାର ରଥ। ସେମାନଙ୍କଠାରୁ ୬୪୦ ବୋତଲ କଫ୍ ସିରପ୍, ୩ ମୋବାଇଲ ଫୋନ, ୩,୭୦୦ ଟଙ୍କା ଏବଂ ଏକ କାର ଜବତ ହୋଇଛି। ଏ ନେଇ ଏକ ମାମଲା (ନଂ.୧୮୩/୨୦) ରୁଜୁ ସହ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ସକାଳେ ପୋଲିସ ପେଣ୍ଠକଟା ଆଇଟିଆଇ ଛକ ପାଖରେ ଗାଡ଼ି ଯାଞ୍ଚ କରୁଥିଲା। ଏହି ସମୟରେ ପେଣ୍ଠକଟା ପଟୁ ଆଇଟିଆଇ ଛକ ଆଡ଼କୁ ଏକ କାର୍ (ନଂ. ଓଡି ୦୨ ଏଏ-୩୯୫୭) ଆସୁଥିଲା। ପୋଲିସ ଏହାକୁ ଅଟକାଇ ଯାଞ୍ଚ କରିବାରୁ ୪ଟି ସିଲ୍ କାର୍ଟୁନ ମିଳିଥିଲା। ପ୍ରତ୍ୟେକ କାର୍ଟୁନରେ ୧୬୦ ବୋତଲ କଫ୍ ସିରପ ଥିଲା।

୧୮

## ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ

ନିମାପଡ଼ା,(ଡି.ଏନ୍.ଏ.): ଚାରିଛକ ଫାଣ୍ଡି ଅଧୀନ ଭୋଦର ନାଲବାଗ ଗ୍ରାମରେ ଶନିବାର ପୂର୍ବଶତ୍ରୁତାକୁ ନେଇ କାଳନ୍ଦୀ ବେହେରା ଓ ତାଙ୍କ ସ୍ତ୍ରୀ ସଂଯୁକ୍ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହା ସହ ତାଙ୍କଠାରୁ ଉକ୍ତ ଗ୍ରାମର ଦୈତାରୀ ମହାରଣା ଓ ତାଙ୍କ ସ୍ତ୍ରୀ, ଝିଅ ସୁନା ଅଳଙ୍କାର ଲୁଟି ନେବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ମାମଲା (ନଂ.୨୬୯/୨୦) ରୁଜୁକରି ତଦନ୍ତ ଚଳାଇଛି। ଅନ୍ୟପଟେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଚିକିତ୍ସା ପାଇଁ ଚାରିଛକ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଉଭୟ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି।

## ସଂକ୍ଷେପରେ

### ଦୁର୍ଘଟଣା: ୫ ପର୍ଯ୍ୟଟକ ଗୁରୁତର

**ଗୋପ/କୋଣାର୍କ,୧।୧୧(ଡି.ଏନ୍.ଏ.):** ଗୋପ-କୋଣାର୍କ ରାସ୍ତାର ଦଶବାଟିଆ ଛକ ନିକଟରେ ରବିବାର ଭୋର୍ ସମୟରେ ଏକ କାର ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଇ ରାସ୍ତାରେ ଓଲଟିପଡ଼ିଥିଲା। ଫଳରେ ଗାଡିରେ ଥିବା ୫ପର୍ଯ୍ୟଟକ ନମିତା ମଲ୍ଲିକ, ଅଙ୍କିତା ଲତା ପଟ୍ଟନାୟକ, ସୁଲୋଚନା ରାଉତ, ଶୁଶ୍ରୀଲତା ସ୍ୱାଇଁ ଓ ପ୍ରିୟରଞ୍ଜନ ଦୀକ୍ଷିତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ଏମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏମାନେ ସମସ୍ତେ ଭୁବନେଶ୍ୱରର ଏକ ଇଞ୍ଜିନିୟରିଂ କଲେଜର ଛାତ୍ରୀଛାତ୍ର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଛାତ୍ରୀଛାତ୍ରମାନେ ଏକ କାର(ଓଡି ୦୬ଏଚ ୩୧୧୧)ରେ ସୂର୍ଯ୍ୟମନ୍ଦିର ବୁଲିବା ଲାଗି ଯାଇଥିଲେ। ଦଶବାଟିଆ ଛକ ନିକଟରେ ହଠାତ୍ ଏକ ଚକ ବାହାରିଯିବାରୁ ଦୁର୍ଘଟଣା ଘଟିଥିଲା।

### ବିବେକାନନ୍ଦ ଯୁବ ସଂସଦର ଇ-ପାଠଚକ୍ର କାର୍ଯ୍ୟକ୍ରମ

**କଟକ ଅଫିସ,୧।୧୧:** ବିବେକାନନ୍ଦ ଯୁବ ସଂସଦର ୨୦ତମ ଇ-ପାଠଚକ୍ର ରବିବାର ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ହେଇଯାଇଛି। ମୁଖ୍ୟବକ୍ତା ଭାବେ ମଦମୁକ୍ତି ଯୁବବାହିନୀ ସଙ୍ଗଠନର ଆବାହକ ଇଂ. ସତ୍ୟବ୍ରତ ପୃଷ୍ଟି କହିଥିଲେ, ଓଡ଼ିଶାକୁ ମଦମୁକ୍ତ କରିବାକୁ ହେଲେ ନେତୃତ୍ୱ ନେଇଥିବା ବ୍ୟକ୍ତିତ୍ୱଙ୍କର ମାନସିକ ପରିବର୍ତ୍ତନ ଆବଶ୍ୟକ। କଟକ ଜିଲା ବିବେକାନନ୍ଦ ଲୋକ ସଂସଦର ଅଧକ୍ଷା ମନ୍ଦାକିନୀ ଜେମା ପୌରୋହିତ୍ୟ କରିଥିବାବେଳେ ଅଧାପିକା ହରପ୍ରିୟା ସାହୁ ସଂଯୋଜନା, ସନ୍ଦୀପ କୁମାର ପଣ୍ଡା ଏବଂ ସତ୍ୟସ୍ୱୀଗ୍ଧା ପ୍ରିୟଦର୍ଶିନୀ ସଭା ପରିଚାଳନା ଓ ଅଧାପିକା ରଞ୍ଜୁଲତା କହଁର ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ ଉପସ୍ଥିତ ଥିଲେ।

### ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ମନୋନୀତ

**ଖୋର୍ଦ୍ଧା ଅଫିସ,୧।୧୧:** ଖୋର୍ଦ୍ଧା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ରବିବାର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ଯୁଧିଷ୍ଠିର ସାହୁ ସଭାପତି, ମଙ୍ଗୁଳି ଚରଣ ନିଶଙ୍କ ଉପସଭାପତି, ଅମୀୟ କୁମାର ପରିଡା ସମ୍ପାଦକ ଭାବେ ମନୋନୀତ ହୋଇଥିବା ବେଳେ ରବି ନାରାୟଣ ପଣ୍ଡା, ଦିବ୍ୟସିଂହ ସୁବୁଦ୍ଧି, ଭୀମସେନ ପରିଡା ଓ ରଶ୍ମି ଦାସ ପ୍ରମୁଖ ସହ ସମ୍ପାଦକ, ସରୋଜିନୀ ସାହୁ କୋଷାଧକ୍ଷ ଏବଂ ସୁଶାନ୍ତ କୁମାର ମିଶ୍ର ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ଚୌଦ୍ୱାର,୧।୧୧(ଡି.ଏନ୍.ଏ.):** ଧର୍ମ ପରାୟଣା ମହିଳା ତଥା ଚୌଦ୍ୱାର ପ୍ରେସ୍ କ୍ଲବ୍‌ର ଉପଦେଷ୍ଟା ଏସ୍.କେ. ପଣ୍ଡାଙ୍କ ମାତା କନକଲତା ପଣ୍ଡା(୭୮)ଙ୍କର ପରଲୋକ ହୋଇଛି। ମୃତ୍ୟୁ ଖବର ପାଇବା ପରେ ପ୍ରେସ୍ କ୍ଲବ୍‌ର ସଦସ୍ୟ ପ୍ରକାଶ ନାୟକ, ସୁଧାକର ସାମନ୍ତରାୟ, ଜୟ ପ୍ରଦୀପ ଦାସ, ଲକ୍ଷ୍ମୀଧର ଦାସ, ଅଜିତ ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପଣ୍ଡାଙ୍କ ପାଇକରାପୁରସ୍ଥିତ ବାସଭବନରେ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ବଡ଼ପୁଅ ସୌମେନ୍ଦ୍ର ମୁଖାଗ୍ନି ଦେଇଥିଲେ। ସନ୍ଧ୍ୟାରେ ପ୍ରେସ୍ କ୍ଲବ୍ ସମ୍ପାଦକ ରମେଶ ଚନ୍ଦ୍ର ସାମଲଙ୍କ ପୌରୋହିତ୍ୟରେ କ୍ଲବ୍‌ରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା।

### ଆଚାର୍ଯ୍ୟ ବିହାର ପରିଷଦ ପକ୍ଷରୁ ଶୋକସଭା

**ଭୁବନେଶ୍ୱର, ୧।୧୧ (ବ୍ୟୁରୋ) :** ଶ୍ରୀଜଗନ୍ନାଥ ପ୍ରେମୀ ତଥା ଆଚାର୍ଯ୍ୟ ବିହାର ସାଇ ମନ୍ଦିରର ପୃଷ୍ଠପୋଷକ ବିଚିତ୍ରାନନ୍ଦ ଜେନା (୭୫)ଙ୍କର କରୋନାରେ ପରଲୋକ ଘଟିଛି। ଏଥିସହ ଗତ ୨୯ ତାରିଖରେ ମଧ ତାଙ୍କ ସ୍ତ୍ରୀ ଉର୍ମିଳା ସାହୁ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଆଚାର୍ଯ୍ୟ ବିହାର ପରିଷଦ ପକ୍ଷରୁ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ପରିଷଦ ସଭାପତି ଭାଗବତ ପ୍ରଦାସ ଦାସ, ସମ୍ପାଦକ ଶିଶିର ମହାପାତ୍ର, ଆଇନଜୀବୀ ସିଦ୍ଧାର୍ଥ ଦାସ, ମା ଭୁବନେଶ୍ୱରୀ କ୍ଲବ୍ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ରାଉତ, ସମ୍ପାଦକ ଦେବେନ୍ଦ୍ର ଦାସ, ନାରୀ ଓ ଶିଶୁ ବିକାଶ ମଞ୍ଚ ସଭାନେତ୍ରୀ ସଂଯୁକ୍ତା ମହାନ୍ତି ପ୍ରମୁଖ ଯୋଗଦେଇ ନିରବ ପ୍ରାର୍ଥନା ପୂର୍ବକ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ଏଟିଏମ୍‌ରେ ସହାୟତା ଆଳରେ ୧ ଲକ୍ଷ ଲୁଟ୍

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

କମିଶନରେଟ ପୋଲିସରେ ଏଟିଏମ୍ କାର୍ଡ ଲୁଟେରା ଗ୍ୟାଙ୍ଗ୍ ସକ୍ରିୟ ରହିଛି। ଶନିବାର ପୁଣି ଏକ ବଡ଼ଧରଣର ଲୁଟ୍ ହୋଇଛି। ଏଟିଏମ୍‌ରୁ ଟଙ୍କା ଉଠାଣରେ ସହାୟତା ଆଳରେ ଜଣେ ବୃଦ୍ଧଙ୍କଠାରୁ ୧ଲକ୍ଷ ଲୁଟି ନେଇଛନ୍ତି ଲୁଟେରା। ଏହି ଲୁଟ୍‌ର ଶିକାର ହୋଇଛନ୍ତି ବଡ଼ଗଡ଼ ଥାନା ବ୍ରିଟ୍ କଲୋନୀରେ ରହୁଥିବା ଫକିର ଚରଣ ମହାପାତ୍ର। ସେ ଶନିବାର ସ୍ଥାନୀୟ ଏସ୍‌ବିଆଇ ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯାଇଥିଲେ। ଏଟିଏମ୍‌ରୁ ଟଙ୍କା ନ ବାହାରିବାରୁ ନିକଟରେ ଜଗି ରହିଥିବା ଜଣେ ଲୁଟେରା ତାଙ୍କୁ ସହାୟତା ଆଳରେ ପିନ୍‌କୋଡ ବୁଝିନେଇଥିଲେ। ଫକିର ଟଙ୍କା ଉଠାଇବାପରେ ଉକ୍ତ ଲୁଟେରା ଜଣକ ଚତୁରତାର ସହ ତାଙ୍କ ଏଟିଏମ୍ କାର୍ଡକୁ ବଦଳାଇ ନକଲି କାର୍ଡ ଧରାଇ ଦେଇଥିଲେ। ପରେ ଉକ୍ତ ଏଟିଏମ୍ କାର୍ଡରୁ ବିଭିନ୍ନ ପର୍ଯ୍ୟାୟରେ ୧ ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ଟଙ୍କା ଉଠାଣ ନେଇ ଫକିରଙ୍କ ନିକଟକୁ ମେସେଜ ଆସିବା ପରେ ସେ ନିକଟ ଏସ୍‌ବିଆଇ ବ୍ୟାଙ୍କ୍‌କୁ ଯାଇ ଲୁଟ୍ କଥା ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ଟଙ୍କା ଉଠାଣ ହୋଇଥିବା ଏଟିଏମ୍‌ର ସିସିଟିଭି ଫୁଟେଜକୁ ଜବତ କରି ଲୁଟେରାଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ଏହି ଲୁଟ୍‌ରେ ଆନ୍ତଃରାଜ୍ୟ 'ସମ୍ଭବ ଗ୍ୟାଙ୍ଗ୍' ସଦସ୍ୟଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରୁଛି ପୋଲିସ। ଗତ ସେପ୍ଟେମ୍ବର ୨୯ରେ ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ୍ ସମ୍ଭବ ଆଚାର୍ଯ୍ୟଙ୍କୁ କମିଶନରେଟ ପୋଲିସ ଗିରଫ କରିଥିଲା। ସେ ଏବେ ଝାରପଡା ଜେଲରେ ରହିଥିଲେ ମଧ ତାଙ୍କ ଗ୍ୟାଙ୍ଗ୍ ସକ୍ରିୟ ରହିଛି। ଏହି ଗ୍ୟାଙ୍ଗ ନାମରେ ଗତ ଏକ ମାସ ମଧରେ କମିଶନରେଟ ପୋଲିସର ବିଭିନ୍ନ ଥାନାରେ ୧୫ରୁ ଉର୍ଦ୍ଧ୍ୱ ଅଭିଯୋଗ ଆସିଥିବାବେଳେ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟିନେଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ସେପ୍ଟେମ୍ବର ମାସରେ ପଟିଆରେଥିବା ଏକ ଏଟିଏମ୍‌ରେ ଶୁଭଶ୍ରୀ ନାମକ ଜଣେ ଯୁବତୀଙ୍କୁ ସହାୟତା ଆଳରେ ଗ୍ୟାଙ୍ଗ୍ ଲିଡର ସମ୍ଭବ ଆଚାର୍ଯ୍ୟ ତାଙ୍କ କାର୍ଡ ବଦଳାଇ ଦେଇଥିଲେ। ପରେ ଉକ୍ତ ଯୁବତୀଙ୍କ ଏଟିଏମ୍ କାର୍ଡରୁ ୩୦ ହଜାର ଟଙ୍କା ଉଠାଇ ନେଇଥିଲେ। ହେଲେ ତୁରନ୍ତ ଯୁବତୀ ଜଣକ ଏଟିଏମ୍ ନିକଟକୁ ଆସି ଲୁଟେରା ସମ୍ଭବଙ୍କୁ କାବୁ କରିବା ସମୟରେ ସେ ଧକ୍କାମାରି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ସ୍ପେଶାଲ ସ୍କ୍ୱାଡ୍ ସମ୍ଭବକୁ ଗିରଫ କରିଥିଲା। ପୂର୍ବରୁ ସମ୍ଭବ ମୁମ୍ବାଇ, ପୁଣେରୁ ଏଭଳି ଅଭିନବ ଉପାୟରେ ଏଟିଏମ୍ କାର୍ଡ ବଦଳାଇ ଲୁଟ କରିଥିବାବେଳେ ତାଙ୍କ ନାମରେ ୪୦ରୁ ଉର୍ଦ୍ଧ୍ୱ ମାମଲା ରହିଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଥିଲା।

**ଆନ୍ତଃରାଜ୍ୟ 'ସମ୍ଭବ ଗ୍ୟାଙ୍ଗ୍'ର ସମ୍ପୃକ୍ତି ସନ୍ଦେହ**

- ମାସକରେ ଆସିଛି ୧୫ ଅଭିଯୋଗ
- ଲୁଟି ନେଲେଣି ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା


କରୋନା କଟକଣା ଯୋଗୁ ଶ୍ରୀମନ୍ଦିର ବନ୍ଦ ଥିବାରୁ ଶ୍ରଦ୍ଧାଳୁମାନେ ରବିବାର ସିଂହଦ୍ୱାର ସମ୍ମୁଖରେ ପତିତପାବନଙ୍କୁ ଦର୍ଶନ କରୁଛନ୍ତି।

# ପୁରୀ, କୋଣାର୍କକୁ ୬ ଥର ଗଡ଼ିବ ମୋ' ବସ୍

**ଭୁବନେଶ୍ୱର, ୧।୧୧ (ବ୍ୟୁରୋ)**

ପୁରୀ ଓ କୋଣାର୍କକୁ ମୋ' ବସ୍ ପ୍ରତିଦିନ ୬ଥର ଯାତ୍ରା କରିବ। ପୂର୍ବରୁ ୪ଥର ଯାତାୟତ କରୁଥିବାବେଳେ ୨ ତାରିଖ ସୋମବାରଠାରୁ ଏହି ସେବାକୁ ବୃଦ୍ଧି କରାଯିବ। ରୁଟ୍ ନମ୍ବର ୫୦ ପୁରୀକୁ ସକାଳ ୬.୩୦ରୁ ମାଷ୍ଟରକ୍ୟାଣ୍ଟିନ୍‌ରୁ ପ୍ରଥମ ଯାତ୍ରା କରିବ। ସେହିପରି ସକାଳ ୭ଟା ୨୦ରେ ଦ୍ୱିତୀୟ ଓ ୮ଟା ୩୦ରେ ତୃତୀୟ ବସ୍ ଛାଡ଼ିବ। ଅପରାହ୍ନ ୪ଟା୧୫ରେ ମାଷ୍ଟରକ୍ୟାଣ୍ଟିନ୍‌ରୁ ପ୍ରଥମ, ୫ଟା ୩୦ରେ ଦ୍ୱିତୀୟ ଓ ୬ଟା ୩୦ରେ ତୃତୀୟ ବସ୍ ପୁରୀ ଅଭିମୁଖେ ଯାତ୍ରା କରିବ। ରୁଟ୍ ନଂ ୫୦ରେ ପୁରୀରୁ ଭୁବନେଶ୍ୱର ଅଭିମୁଖେ ପ୍ରଥମ ବସ୍ ସକାଳ ୮ଟା ୨୦ରେ ଯାତ୍ରା ଆରମ୍ଭ କରିବାକୁ ଥିବାବେଳେ ଦ୍ୱିତୀୟ ବସ୍ ୯ଟା ୧୦ ଓ ତୃତୀୟ ବସ୍ ୧୦ଟା ୩୫ରେ ଛାଡ଼ିବ। ସେହିପରି ଅପରାହ୍ନ ୬ଟା ୩୦ରେ ପ୍ରଥମ, ୭ଟା ୩୫ରେ ଦ୍ୱିତୀୟ ଓ ୮ଟା ୩୦ରେ ତୃତୀୟ ବସ୍ ପୁଣିଥରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ। ଅନୁରୂପ ଭାବେ ରୁଟ୍ ନଂ.୭୦ରେ ଭୁବନେଶ୍ୱରରୁ କୋଣାର୍କକୁ ପ୍ରଥମ ବସ୍ ସକାଳ ୬ଟା ୧୦, ଦ୍ୱିତୀୟ ୬ଟା ୫୦ ତୃତୀୟ ୮ଟା ୩୦, ଚତୁର୍ଥ ଅପରାହ୍ନ ୪ଟା, ୫ମ ବସ୍ ୫ଟା ୨୦ ଏବଂ ଷଷ୍ଠ ତଥା ଶେଷ ବସ୍ ସନ୍ଧ୍ୟା ୬ଟାରୁ କୋଣାର୍କ ଅଭିମୁଖେ ଯାତ୍ରା କରିବ। କୋଣାର୍କରୁ ଭୁବନେଶ୍ୱରକୁ ପ୍ରଥମ ବସ୍ ସକାଳ ୮ଟ଼ଶ ୨୦ ଏବଂ ଶେଷ ବସ୍ ସନ୍ଧ୍ୟା ୮ଟା ୩୦ରେ ଛାଡ଼ିବ ବୋଲି ମୋ' ବସ୍‌ର ପରିଚାଳନା ସଂସ୍ଥା କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ସୂଚନା ଦିଆଯାଇଛି।

# ଦୁର୍ଘଟଣାରେ ଯୁବ ଉଦ୍ୟୋଗୀ ପୀୟୂଷଙ୍କ ମୃତ୍ୟୁ

**କଟକ ଅଫିସ, ୧।୧୧**

କଟକ-ଭୁବନେଶ୍ୱର ୫ ନଂ ଜାତୀୟ ରାଜପଥ ତେଲେଙ୍ଗାପୀଠ ନିକଟରେ ରବିବାର ଏକ ସଡ଼କ ଦୁର୍ଘଟଣାରେ ସାମାଜିକକର୍ମୀ ହେମନ୍ତ ଅଗ୍ରୱାଲଙ୍କ ପୁତ୍ର ତଥା ଯୁବ ଉଦ୍ୟୋଗୀ ପୀୟୂଷ ଅଗ୍ରୱାଲ(୩୦)ଙ୍କ ମୃତ୍ୟୁ ଘଟିଛି। ସକାଳ ୯ଟାରେ ପୀୟୂଷ ସାଇକେଲ ଚଲାଇ ଫୁଲନଖରାରୁ କଟକ ଆସୁଥିବାବେଳେ ଆଗରେ ଯାଉଥିବା ଏକ ଟ୍ରକ୍ ହଠାତ୍ ବ୍ରେକ୍ ମାରିବାରୁ ସେ ପିଟି ହୋଇଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ କଟକ ବଡ଼ମେଡ଼ିକାଲକୁ ନିଆଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ଖାନ୍‌ନଗର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ। ପୀୟୂଷଙ୍କ କଟକ ଜଗତପୁରଠାରେ ସ୍ୱାଦିଷ୍ଟ ମସଲା ନାମରେ ଏକ ଇଣ୍ଡଷ୍ଟ୍ରି ରହିଛି। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ କଟକ ମାରୱାଡ଼ି ସମାଜରେ ଶୋକର ଛାୟା ଖେଳିଯାଇଛି।



# ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣାର ସିବିଆଇ ତଦନ୍ତ ଦାବି

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

ରାଜଭବନ ନିକଟ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ବିସ୍ଫୋରଣରେ ଇତିମଧ୍ୟରେ ମୃତ୍ୟୁ ସଂଖ୍ୟା ୨କୁ ବୃଦ୍ଧି ପାଇଥିବାବେଳେ ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏଥିସହ ଏଥିରେ ବ୍ୟାପକ କ୍ଷୟକ୍ଷତି ଘଟିଛି। କମିଶନରେଟ ପୋଲିସ ଓ ଆଇଓସିଏଲ ଦ୍ୱାରା ତଦନ୍ତ ଜାରି ରହିଥିଲେ ମଧ ଏଯାଏ ଘଟଣାର ବାସ୍ତବ ଚିତ୍ର ପଦାକୁ ଆସୁନି। ତେଣୁ ଏହାର ସିବିଆଇ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମାନବାଧିକାର କର୍ମୀ ଜୟନ୍ତ ଦାସ ଦାବି କରିଛନ୍ତି। ସେ କହିଛନ୍ତି, କାହାର ଚରମ ଅବହେଳାରୁ ଏପରି ଏକ ଛାତିଥରା ବିସ୍ଫୋରଣ ରାଜଧାନୀର ଏକ ସମ୍ବେଦନଶୀଳ ସ୍ଥାନରେ ଘଟିଲା ତାହା ପଦାକୁ ଆସିବା ଦରକାର। ପୋଲିସ ନିକଟରେ ସିସିଟିଭି ଫୁଟେଜ ରହିଥିଲେ ମଧ ୨୫ ଦିନ ପରେ ବି ଦୁର୍ଘଟଣାର ପ୍ରକୃତ କାରଣକୁ ଲୁଚାଇବାକୁ ପ୍ରୟାସ କରାଯାଉଛି। ତେଣୁ ଏହାର ସିବିଆଇ ତଦନ୍ତ କରାଗଲେ ଦୋଷୀ ଧରାପଡ଼ିବେ, ମୃତ ଓ ଆହତଙ୍କୁ ଠିକ୍ କ୍ଷତିପୂରଣ ମିଳିପାରିବ ବୋଲି ଦାସ କହିଛନ୍ତି।

# ପୁରୀ କୁମାର ଉତ୍ସବ ଉଦ୍‌ଘାଟିତ

**ପୁରୀ ଅଫିସ,୧।୧୧**

କରୋନା ପାଇଁ ପୁରୀ କୁମାର ଉତ୍ସବ ସମିତି ଚଳିତମାସ ୧ରୁ ୩ ତାରିଖ ପର୍ଯ୍ୟନ୍ତ ନିରାଡମ୍ବର ଭାବେ ୫୩ତମ କୁମାର ଉତ୍ସବ ଆୟୋଜନ କରିଛି। ଉଦ୍‌ଘାଟନୀ ଦିବସରେ ରବିବାର ଜିଲା ସଦର ମୁଖ୍ୟ ଚିକିତ୍ସାଳୟ, ମାତୃମଙ୍ଗଳ କେନ୍ଦ୍ର, ବାଲିଘାଇସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ରୋଗୀଙ୍କୁ ଫଳ, ପାଉଁରୁଟି, ସାନିଟାଇଜର ଓ ମାସ୍କ ଥିବା କିଟ୍ ବଣ୍ଟାଯାଇଥିଲା। ଉପରୋକ୍ତ ସ୍ୱାସ୍ଥ୍ୟ ସଙ୍ଗଠନ ସମେତ ଯକ୍ଷ୍ମାରୋଗ ବିଶେଷଜ୍ଞ ଡା. ଉତ୍ପଳ କୁମାର ନନ୍ଦୀଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମିତି ସଭାପତି ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର, ମୁଖ୍ୟ ଉପଦେଷ୍ଟା ସତ୍ୟପ୍ରକାଶ ନାୟକ, କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ରତନ କୁମାର ଦାସ, ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା, ସାମାଜିକ କର୍ମୀ ମଧୁସୂଦନ ମିଶ୍ର ଓ ସରସ୍ୱତୀ ପାତ୍ର, ସଂଯୋଜକ ଶ୍ୟାମପ୍ରକାଶ ସେନାପତି ଉପସ୍ଥିତ ଥିଲେ।

# ଆଜିଠୁ ଖୋଲିବ ସମସ୍ତ ଆହାର କେନ୍ଦ୍ର

**ଭୁବନେଶ୍ୱର, ୧।୧୧(ବ୍ୟୁରୋ)**

ଭୁବନେଶ୍ୱରର ସମସ୍ତ ଆହାର କେନ୍ଦ୍ର ସୋମବାରଠାରୁ ଖୋଲିବ। ପୂର୍ବରୁ କେବଳ ହସ୍ପିଟାଲ ନିକଟ ୫ ଆହାର କେନ୍ଦ୍ରକୁ ଖୋଲିବାକୁ ଅନୁମତି ମିଳିଥିଲା। କରୋନା କଟକଣା ଦୃଷ୍ଟିରୁ ବାକି ୭ଟିକୁ ବନ୍ଦ ରଖାଯାଇଥିଲା। ତେବେ ନଭେମ୍ବର ୨ତାରିଖରୁ ସମସ୍ତ ୧୨ଟି ଆହାର କେନ୍ଦ୍ର ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସୂଚନା ମିଳିଛି। କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ ସହ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ସୋମବାରଠାରୁ ଆହାରକେନ୍ଦ୍ରରେ ଖାଦ୍ୟ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

# ତରଙ୍ଗ ଷ୍ଟୁଡିଓ ଆଗରେ ଠିକା କର୍ମଚାରୀଙ୍କ ଧାରଣା

**ଖୋର୍ଦ୍ଧା ଅଫିସ,୧।୧୧**

ଖୋର୍ଦ୍ଧା ସାରୁଅସ୍ଥିତ ତରଙ୍ଗ ଷ୍ଟୁଡିଓ ମୁଖ୍ୟ ଫାଟକ ଆଗରେ ୫ଦଫା ଦାବିରେ ଶତାଧିକ ଠିକା କର୍ମଚାରୀ ରବିବାର ସକାଳ ୮ଟାରୁ ଧାରଣାରେ ବସିଛନ୍ତି। ଅନ୍ୟପକ୍ଷେ କୌଣସି କାରଣକୁ ନେଇ ଷ୍ଟୁଡିଓ କର୍ମଚାରୀ ଏବଂ ଧାରଣାରେ ବସିଥିବା ଠିକା କର୍ମଚାରୀଙ୍କ ମଧରେ ବଚସା ହୋଇଥିଲା। ଷ୍ଟୁଡିଓ ଭିତରପଟୁ କେତେଜଣ କର୍ମଚାରୀ ଧାରଣାକାରୀଙ୍କୁ ଧମକ ଦେବା ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଉପଜିଲାପାଳ ଅଶୋକ ବେହୁରିଆ, ଅତିରିକ୍ତ ଶ୍ରମ ଅଧିକାରୀ(ଏଏଲଓ) ପ୍ରଜ୍ଞା ପାରମିତା ସାହୁ, ଭୁବନେଶ୍ୱର ଏଲଓ ପ୍ରଭାକର ବିଶ୍ୱାଳ, ବାଘମାରୀ ଥାନାଧିକାରୀ ପ୍ରଣୀତା ପଟ୍ଟନାୟକ ପ୍ରମୁଖ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହି ଅବସରରେ ଅପରାହ୍ନ ୫ଟାରେ ପ୍ରକାଶ ବଳିଆରସିଂ, ବିକାଶ ନାୟକ, ପ୍ରଭାତ ମଲ୍ଲିକ, ବିଜୟ ଦାସ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ପ୍ରସନ୍ନ ନାୟକଙ୍କ ସମେତ ଶତାଧିକ ଠିକା କର୍ମଚାରୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ରାଜ୍ୟ ଅତିରିକ୍ତ ଶ୍ରମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଏଏଲଓଙ୍କୁ ପ୍ରଦାନ କରାଯାଇଛି। ସ୍ଥାୟୀ ନିଯୁକ୍ତି, ମାସିକ ୧୫ହଜାର ଟଙ୍କା, ଇପିଏଫ, ଇଏସଆଇ ବ୍ୟବସ୍ଥା, ବୀମା ଅନ୍ତର୍ଭୁକ୍ତ ଏବଂ ଶ୍ରମ ଆଇନ ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ପ୍ରଦାନ ଲାଗି ଦାବିରେ ଉଲ୍ଲେଖ ରହିଛି। ଉପଜିଲାପାଳ ବେହୁରିଆ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ଘଟଣାସ୍ଥଳରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିଛି। ଏ ସମ୍ପର୍କରେ ତରଙ୍ଗ ଷ୍ଟୁଡିଓ କର୍ତ୍ତୃପକ୍ଷଙ୍କୁ ନୋଟିସ କରାଯିବ। ଅଭିଯୋଗର ତର୍ଜମା କରାଯାଇ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ବେହୁରିଆ କହିଛନ୍ତି।

# 'ମୋ ଧାମ, ମୋ ଗର୍ବ' ଅଭିଯାନ ଆରମ୍ଭ

**ପୁରୀ ଅଫିସ,୧।୧୧**

ସ୍ୱଚ୍ଛତା କ୍ଷେତ୍ରରେ ପୁରୀ ହେବ ଦେଶର ଏକ ନମ୍ବର ସହର। ୨୦୨୧ ସ୍ୱଚ୍ଛ ସର୍ବେକ୍ଷଣରେ ପୁରୀ ଏହି ମାନ୍ୟତା ପାଇବା ନିମନ୍ତେ ଜିଲା ପ୍ରଶାସନ ପ୍ରକ୍ରିୟା ଆରମ୍ଭ କରିଛି। ଏହାକୁ ସଫଳ କରିବା ଲାଗି ରବିବାଠାରୁ 'ମୋ ଧାମ, ମୋ ଗର୍ବ' ଅଭିଯାନ ଆରମ୍ଭ ହୋଇଛି। ସପ୍ତାହବ୍ୟାପୀ ଏହି ଜନ ସମ୍ପୃକ୍ତି କାର୍ଯ୍ୟକ୍ରମ ଚାଲିବ। ସ୍ୱଚ୍ଛତା କ୍ଷେତ୍ରରେ ସହରବାସୀଙ୍କୁ ସଚେତନ କରିବା ଲାଗି ଏହି ଅଭିଯାନ ଆରମ୍ଭ ହୋଇଛି। 'ମୋ ଧାମ, ମୋ ଗର୍ବ'ର ଲୋଗୋ ଓ ଟ୍ୟାଗ୍ ଲାଇନକୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଉନ୍ମୋଚନ କରିଛନ୍ତି। ଗୋବର୍ଦ୍ଧନ ମଠ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶଙ୍କରାଚାର୍ଯ୍ୟ ଲୋଗୋ ଏବଂ ଟ୍ୟାଗ୍‌ଲାଇନ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

ଭାରତର ଚାରିଧାମ ମଧ୍ୟରୁ ଅନ୍ୟତମ ପୁରୀ। ଏହି ଧାମର ସ୍ୱତନ୍ତ୍ରତା ଓ ପବିତ୍ରତା ରହିଛି। ସ୍ୱଚ୍ଛତା କ୍ଷେତ୍ରରେ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିପାରିବ। ଏଥିଲାଗି 'ମୋ ଧାମ, ମୋ ଗର୍ବ' ଅଭିଯାନ ଆରମ୍ଭ କରାଯାଇଛି। ତେବେ ସ୍ୱଚ୍ଛ ପୁରୀ ଲୋଗୋ ଓ ଟ୍ୟାଗ୍‌ଲାଇନ ପାଇଁ ପୂର୍ବରୁ ଅନ୍‌ଲାଇନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପୌରାଞ୍ଚଳର ପ୍ରାୟ ୧୩ ହଜାର ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରଥମ ପର୍ଯ୍ୟାୟ ଯାଞ୍ଚ ପରେ ୨୦୦ ଓ ପରବର୍ତ୍ତୀ ପର୍ଯ୍ୟାୟରେ ୧୦ ଜଣଙ୍କୁ ଚୟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଏଣ୍ଟ୍ରି ଚୂଡ଼ାନ୍ତ ହୋଇଥିଲା। ଲୋଗୋ ନିମନ୍ତେ ବ୍ଲେସ୍‌ଡ୍ ସାକ୍ରାମେଣ୍ଟ ହାଇସ୍କୁଲର ୫ମ ଶ୍ରେଣୀ ଛାତ୍ର ଶ୍ରୀୟାଂଶ ପଣ୍ଡା ଏବଂ ଟ୍ୟାଗ୍‌ଲାଇନ ନିମନ୍ତେ ପ୍ରମୋଦ ଚନ୍ଦ୍ର ସ୍ୱାଇଁ ପ୍ରଥମ ହୋଇଥିଲେ। ଉଭୟେ ପୁରସ୍କାର ସ୍ୱରୂପ ଶଙ୍କରାଚାର୍ଯ୍ୟଙ୍କଠାରୁ ୧୦ ହଜାର ଟଙ୍କା ଲେଖାଏ ଗ୍ରହଣ କରିଛନ୍ତି। ଶଙ୍କରାଚାର୍ଯ୍ୟ ଲୋଗୋ ଓ ଟ୍ୟାଗ୍‌ଲାଇନ ଉନ୍ମୋଚନ କରିବା ସମୟରେ ଜିଲାପାଳ ବଲୱନ୍ତ ସିଂ, ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ କହିଥିଲେ, ଲୋଗୋରେ ସ୍ୱଚ୍ଛତାର ପ୍ରତୀକ ସ୍ୱରୂପ ଝାଡୁ ରହିଥିବା ବେଳେ ୫ଟି ରଙ୍ଗ ପଞ୍ଚତତ୍ତ୍ୱକୁ ସୂଚାଉଛି। ଟ୍ୟାଗ୍‌ଲାଇନ 'ପବିତ୍ର ପୁରୀ, ଗର୍ବ ଆମରି' ନିଶ୍ଚିତ ପ୍ରତ୍ୟେକ ପୁରୀବାସୀଙ୍କୁ ଗର୍ବିତ କରିବ। ସମସ୍ତେ ସହରକୁ ସ୍ୱଚ୍ଛ ରଖିବାରେ ସହଯୋଗ କରିବେ। ଏହି ସମ୍ମିଳିତ ସହଯୋଗ ଦିନେ ପୁରୀକୁ ଆଉ ଏକ ଜାତୀୟ ସଫଳତା ଦେବ।




- ଲୋଗୋ ଓ ଟ୍ୟାଗ୍ ଲାଇନ ଉନ୍ମୋଚନ କଲେ ଶଙ୍କରାଚାର୍ଯ୍ୟ
- ସ୍ୱଚ୍ଛ ସର୍ବେକ୍ଷଣରେ ପୁରୀକୁ ୧ ନମ୍ବର କରିବାକୁ ଲକ୍ଷ୍ୟ

## ମା' ଗଜଲକ୍ଷ୍ମୀଙ୍କ ଆରାଧନା


ଭୁବନେଶ୍ୱର ନୟାପଲ୍ଲୀ ୟୁଥ୍ ପରିଷଦ।


ପିପିଲି ବ୍ୟବସାୟୀ ସଂଘ।


ନୟାଗଡ ରୋଡ଼ ବଣିକ ସଂଘ।


ଝାଁଳା କ୍ଷୁଦ୍ର ବ୍ୟବସାୟୀ ସଂଘ।

